# Akashvani, Sambalpur

## SAMBALPURI NEWS MORNING BULLETIN

## 27 May 2026 - 6.47- 6.52 am.

---

ପର୍ଯ୍ୟଟନ୍ ବିକାଶ୍ ପ୍ରକଳ୍ପର୍ ସମୀକ୍ଷା         ଆଇ ଆଣ୍ଡ୍ ପି.ଆର୍

ଉପମୁଖ୍ୟମନ୍ତ୍ରୀ ଆଉ ପର୍ଯ୍ୟଟନ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଲାକାଏଲ୍ ପର୍ଯ୍ୟଟନ୍ ଭବନ୍ ନ ରାଜ୍ୟର୍ ପର୍ଯ୍ୟଟନ୍ ଭିତିଭୂମି ଆଉ ବିକାଶ୍ ପ୍ରକଳ୍ପର୍ ସମୀକ୍ଷା କରିଛନ୍ । ଧଉଳି ଅଂଚଲ୍‌ର ପୁର୍ନବିକାଶ୍ ଲାଗି ମାଷ୍ଟର୍ ପ୍ଲାନ୍‌ର ସମୀକ୍ଷା କରିକରି ପର୍ଯ୍ୟଟକ୍‌ମାନ୍‌କର୍ ଅନୁଭୂତିକେ ସମୃଦ୍ଧ କର୍‌ବାର୍‌କେ ସେ ନିର୍ଦ୍ଦେଶ୍ ଦେଇଛନ୍ । ସେ ଇଲାକା ନ ବୈଦ୍ୟୁତିକ ଗାଡ଼ି ଚଳାଚଳ ଉପ୍‌ରେ ଭିଲ୍ ଜୋର୍ ଦିଆଯାଇଛେ । ଆଏବା ରଥଯାତ୍ରାକେ ନଜରଥି ରଖିକରି ପ୍ରଚାର୍ ଯୋଜ୍‌ନା ଉପ୍‌ରେ ଭିଲ୍ ବୈଠକ୍‌ଥି ଆଲୋଚନା କରାଯାଇଛେ । ହୋମ୍ ଷ୍ଟେ, ଦୁଃସାହସିକ୍ ପର୍ଯ୍ୟଟନ୍, ପର୍ଯ୍ୟଟକଙ୍କର୍ ସୁରକ୍ଷା, ପରିମଳ ବ୍ୟବସ୍ଥାର୍ ସମୀକ୍ଷା କରାଯାଇକରି ଓଡ଼ିଶାକେ ସ୍ୱଚ୍ଛ ଆଉ ସୁରକ୍ଷିତ୍ ପର୍ଯ୍ୟଟନ୍ ସ୍ଥଳ୍ କର୍‌ବାର୍‌କେ ବୈଠକ୍‌ଥି ଜୋର୍ ଦିଆଯାଇଛେ ।

ଓସିଏସ ପରୀକ୍ଷାଫଲ୍ କଟକ୍ ସମ୍ବାଦଦାତା

ଓଡ଼ିଶା ଲୋକ୍‌ସେବା ଆୟୋଗ୍ ପରିଚାଳିତ୍ ଓଡ଼ିଶା ଲୋକ୍‌ସେବା ପରୀକ୍ଷା-ଓସିଏସ୍-୨୦୨୪ ପରୀକ୍ଷାଫଲ୍ ଗଲାକାଏଲ୍ ବାହାରିଛେ । ଇଥି ୨ ଶହ ଝନ୍ ପରୀକ୍ଷାର୍ଥୀ ସଫଲ୍ ହେଇଛନ୍ । ପରୀକ୍ଷାଥି ବୁବୁନ୍ ସାହୁ ପହେଲା ଠାନ୍ ଅଧିକାର୍ କରିଥିବାର୍ ଜନାପଡ଼ିଛେ । ଇନ ଜନେଇ ଦିଆଯାଇପାରେ ଯେ, ଓସିଏସ୍ ୨୦୨୪ ଲାଗି ରାଜ୍ୟ ସର୍‌କାର୍ ୨ ଶହ ଟା ପଦ୍‌ବୀ ଅନୁମୋଦନ୍ କରିଥିଲେ । ପରୀକ୍ଷା ଲାଗି ୮୫ ହଜାର୍ ୨ ଶହ ୨୩ ଝନ୍ ପରୀକ୍ଷାର୍ଥୀ ଆବେଦନ୍ କରିଥିବାର୍ ବେଲେ ସେମାନ୍‌କର୍ ଭିତ୍‌ରୁ ୩୩ ହଜାର୍ ୬ ଶହ ୩୦ ଝନ୍ ମହିଳା ରହିଥିଲେ । ଗଲା ଜାନୁଆରୀ ୩୧ ନୁ ଫେବୃଆରୀ ୧୦ ଭିତ୍‌ରେ ଇଥିର୍‌ଲାଗି ମୁଖ୍ୟ ଲିଖିତ୍ ପରୀକ୍ଷା ହେଇଥିଲା ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୧ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ଼୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୯ ତାରିଖତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ପ୍ରାକ୍ ବନ୍ୟା ପରିସ୍ଥିତି ସମୀକ୍ଷା ବୈଠକ ଆଇ ଆଣ୍ଡ୍ ପି.ଆର୍

ଆଏବା ମୌସୁମୀ ଆଉ ବନ୍ୟା ପରିସ୍ଥିତିର୍ ମୁକାବିଲା ଲାଗି ଗଲାକାଏଲ୍ ଜଳସମ୍ପଦ୍ ବିଭାଗ୍‌ର ଉଚ୍ଚସ୍ତରୀୟ ପ୍ରାକ୍ ବନ୍ୟା ପରିସ୍ଥିତି ସମୀକ୍ଷା ବୈଠକ୍ ହେଇଯାଇଛେ । ବିଭାଗ୍‌ର ସଚିବ ଶୁଭା

ଶର୍ମା ଆଉ ସର୍ବୋଚ୍ଚ ଯନ୍ତ୍ରୀ ବିଭୂତି ଭୂଷଣ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ବସିଥିବା ବୈଠକ୍‌ଥି ଶୂନ୍ୟ ମୃତାହତ ଲକ୍ଷ୍ୟ ନେଇକରି ସଜାଗ୍ ରହେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ରାଏଜେ ଥିବା ନଦୀବନ୍ଧ ମାନ୍‌କର୍ ମରାମତି କାମ୍‌ର ସ୍ଥିତି ସମୀକ୍ଷା କରିକରି ବର୍ଷା ଆଘୋନୁ ସବୁ କାମ୍‌କେ ଯୁଦ୍ଧକାଲୀନ୍ ଭିତିଥି ଶେଷ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଆଏବା ଜୁନ୍ ୧ ନୁ ଅକ୍ଟୋବର୍ ୩୧ ତାରିଖ୍‌ତକ୍ ସବୁ ଡିଭିଜନ୍, ସର୍କଲ୍ ଆଉ ମୁଖ୍ୟଯନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ନ ୨୪ ଘଂଟିଆ ବନ୍ୟା ନିୟନ୍ତ୍ରଣ୍ କକ୍ଷ ଚାଲ୍‌ବା । ସେଚ ସଦନ୍ ଆଉ ରାଜୀବ୍ ଭବନ୍ ନ ଥିବା ବନ୍ୟା ପ୍ରକୋଷ୍ଠ ଭିଲ୍ ଦିନ୍‌କି ରାଏତ୍ କାମ୍ କର୍‌ବା । ବୈଠକ୍‌ଥି ବିଭାଗୀୟ ବରିଷ୍ଠ ଅଧିକାରୀ ଆଉ ସବୁ ପ୍ରକଳ୍ପର୍ ମୁଖ୍ୟ ଯନ୍ତ୍ରୀମାନେ ଆଭାସୀ ଜରିଏ ଯୋଗ୍ ଦେଇକରି ପ୍ରକଳ୍ପମାନ୍‌କର୍ ଥିତି ବାବ୍‌ଦେ ଜନେଇଥିଲେ ।

ଯୁକ୍ତ ୩-ଆବେଦନ୍        ଆଇ ଆଣ୍ଡ୍ ପି.ଆର୍

ରାଏଜେ ଆଏଜ୍‌ଠାନୁ ଯୁକ୍ତ ୩ ସ୍ନାତକ ପାଠ୍ୟକ୍ରମ୍ ଲାଗି ଅନ୍‌ଲାଇନ୍ ଆବେଦନ୍ ପ୍ରକ୍ରିୟା ମୁଲ୍ ହେଉଛେ । ଛାତ୍ରଛାତ୍ରୀମାନେ ଆଏବା

ମାସ ୧୦ ତାରିଖ୍ ରାତିର୍ ୧୧ ବାଜିକରି ୪୫ ମିନିଟ୍‌ତକ୍ ଆବେଦନ୍ କରିପାର୍‌ବେ । ଜୁନ୍ ୧୭ ତାରିଖ୍ ପହେଲା ଖେପ୍ ନାଁଲେଖା ମେଧା ତାଲିକା ବାହାର୍‌ବା । ଜୁନ୍ ୧୮ ନୁ ୨୦ ତାରିଖ୍ ଭିତ୍‌ରେ ପହେଲା ଖେପ୍ ନାଁଲେଖା ହେବା ଆଉ ଜୁଲାଇ ୯ ତାରିଖ୍‌ନୁ ପାଠ୍‌ପଢ଼ା ମୁଲ୍ ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଛାତ୍ରଛାତ୍ରୀମାନେ ସାମ୍ସ ୱେବ୍‌ସାଇଟ୍ ଜରିଏ ଆବେଦନ୍ କରିପାର୍‌ବେ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ । ୨୦୨୬-୨୭ ଶିକ୍ଷା ବଛର୍ ଲାଗି ସ୍ନାତକ ଶ୍ରେଣୀଥି ନାଁଲେଖା ପ୍ରକ୍ରିୟା ଜାତୀୟ ଶିକ୍ଷାନୀତି -୨୦୨୦ ଆଧାର୍‌ଥି କରାଯିବା ।

ପଂଚାୟତିରାଜ୍ ମନ୍ତ୍ରୀ                    ନୂଆପଡ଼ା ସମ୍ବାଦଦାତା

ଗ୍ରାମ୍ୟ ଉନ୍ନୟନ୍ ଆଉ ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାୟକ୍ ଗଲାକାଏଲ୍ ନୂଆପଡ଼ା ଗସ୍ତଥି ଆସିଥିବାର୍ ସମିଆଥି ସ୍ଥାନୀୟ ସଦ୍‌ଭାବନା ସଭାଗୃହ ନ କ୍ରେତା ବିକ୍ରେତାମାନ୍‌କର୍ ଲାଗି ନୂଆଁ ୱେବ୍‌ପୋର୍ଟାଲ୍ "ନୂଆପଡ଼ା ହାଟ୍"ର ଉଦ୍‌ଘାଟନ୍ କରିଛନ୍ । ଇ ପୋର୍ଟାଲ୍ ଜରିଏ ଜିଲ୍ଲାର୍ ସ୍ୱୟଂ ସହାୟକ ଗୋଷ୍ଠୀ ଆଉ ଗ୍ରାମୀଣ୍

କାରିଗର୍ ମାନ୍‌କର୍ ଉତ୍ପାଦିତ୍ ଦରବ୍‌ର ପ୍ରଚାର୍ ଆଉ ବିପଣନ୍ ଲାଗି ଗୁଟେ ଡିଜିଟାଲ୍ ପ୍ଲାଟ୍‌ଫର୍ମ ମିଲିପାର୍‌ବା । ଓଡ଼ିଶା ନ ପହେଲାଥର୍ ଲାଗି ଓର୍‌ମାସ୍‌ର ସହଯୋଗ୍‌ଥି ଏନ୍ତା ପୋର୍ଟାଲ୍ ତିଆର୍ କରାଯାଇଛେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମଥି ନୂଆପଡ଼ା ବିଧାୟକ୍ ଜୟ ଢୋଲ୍‌କିଆ, ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ, ଜିଲ୍ଲାପାଲ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଜିଲ୍ଲା ଉନ୍ନୟନ୍ ସମିତି- ବୈଠକ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଜିଲ୍ଲା ଉନ୍ନୟନ୍ ସମିତିର୍ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାପାଲ୍ ଯୁଆନ୍ ପିଲା ଟୁକେଲ୍ ମାନ୍‌କୁ ଚାକିରୀ ପଛ୍‌ଆଡ଼େ ନାଇଁ ଯାଇକରି ଉଦ୍ୟୋଗୀ ହେବାର୍‌କେ ଆହ୍ୱାନ୍ ଦେଇଛନ୍ । ପେନ୍‌ସନ୍ ବଂଟନ୍‌ଥି ସ୍ୱଚ୍ଛତା ଆନ୍‌ବାର୍ ଲାଗି ୭୦ ବଛର୍ ବୟସ୍ ଆଉ ତାର୍‌ନୁ ଅଏତ୍‌କା ପେନ୍‌ସନ୍ ଭୋଗୀମାନ୍‌କର୍ ସର୍ଭେ ୧୫ ଦିନ୍ ଭିତ୍‌ରେ ସାର୍‌ବାର୍‌କେ ଜିଲ୍ଲା ସମାଜ୍ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ୍

ଦିଆଯାଇଛେ । ବୈଠକ୍‌ଥି ଜିଲ୍ଲାସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲ୍‌ଦାର୍ ଆଉ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜବର୍ ଖରା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର ସୂଚ୍‌ନା ଅନ୍‌ସାରେ ଗଲାକାଏଲ୍ ଟିଟିଲାଗଡ୍ ନ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ୪୪ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିବାର୍ ବେଲେ ସମ୍ବଲ୍‌ପୁର୍ ନ ୪୪ ଦଶ୍‌ମିକ୍ ୪ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ଆଏବା ୪ ଦିନ୍‌ତକ୍ ରାଜ୍ୟର୍ ତାପମାତ୍ରାଥି କିଛି ଖାସ୍ ପରିବର୍ତନ୍ ନାଇଁ ହୁଏ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲାକେ ଜବର୍ ଖରା ଆଉ ଗୁଳଗୁଳି ଲାଗି କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।